# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**27 April – 2024**

**News Editor : Tapan Kumar Maharana**

************************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ୪ଟି ଲୋକସଭା ନିର୍ବାଚନ ପାଇଁ ୩୮ଜଣ ଏବଂ ୨୮ଟି ବିଧାନସଭା ଆସନ ପାଇଁ ୨୬୬ ଜଣଙ୍କ ପ୍ରାର୍ଥୀପତ୍ର କାଏମ ।
- ବିଜେପି ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ଆସନ୍ତାକାଲି ଓଡ଼ିଶାରେ କରିବେ ନିର୍ବାଚନୀ ସଭା ।
- ଓଡ଼ିଆ ସିନେମାକୁ ଆଜି ପୁରିଲା ୮୮ ବର୍ଷ ।
- ପ୍ରାଣୀମାନଙ୍କୁ ସହାନୁଭୂତିମୂଳକ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ଆଜି ପାଳନ କରାଯାଉଛି ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ।

ଏବଂ

- ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି । ଦିନ ସାଢ଼େ ୧୧ଟା ସୁଦ୍ଧା ଝାରସୁଗୁଡାରେ ସର୍ବାଧିକ ୪୧ ଦଶମିକ ୪ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ ।

# ଓଡ଼ିଶା– ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ନିର୍ବାଚନ

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ଆସନ୍ତା ୨୯ ତାରିଖ, ସୋମବାର ବିଜ୍ଞପ୍ତି ପ୍ରକାଶ ପାଇବ। ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, କଟକ, ପୁରୀ ଏବଂ ଭୁବନେଶ୍ୱର ଲୋକସଭା ଆସନ ଏବଂ ତାର ପରିସର ଅଧୀନରେ ଆସୁଥିବା ବିଧାନସଭା ଆସନଗୁଡ଼ିକ ପାଇଁ ମଇ ମାସ ୨୫ ତାରିଖରେ ଭୋଟ୍ ନିଆଯିବ।

ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଗତକାଲି ବିଜ୍ଞପ୍ତି ପ୍ରକାଶ ପାଇଛି। ୫ଟି ସଂସଦୀୟ କ୍ଷେତ୍ର ବରଗଡ଼, ସୁନ୍ଦରଗଡ, ବଲାଙ୍ଗୀର, କନ୍ଧମାଳ ଏବଂ ଆସିକା ସହିତ ଏହାର ପରିସର ମଧ୍ୟରେ ୩୫ଟି ବିଧାନସଭା ଆସନ ପାଇଁ ମଧ୍ୟ ବିଜ୍ଞପ୍ତି ଜାରି ହୋଇଛି। ଆସନ୍ତା ମଇ ମାସ ୨୦ ତାରିଖରେ ଏହି ୫ଟି ଲୋକସଭା ଓ ୩୫ଟି ବିଧାନସଭା ଆସନ ପାଇଁ ଭୋଟ୍ ନିଆଯିବ। ଆସନ୍ତା ମଇ ମାସ ୩ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିପାରିବେ। ମଇ ମାସ ୪ ତାରିଖରେ ନାମାଙ୍କନପତ୍ର ଯାଞ୍ଚ ଏବଂ ୬ ତାରିଖରେ ନାମାଙ୍କନପତ୍ର ପ୍ରତ୍ୟାହାର ପାଇଁ ସମୟ ଧାର୍ଯ୍ୟ କରାଯାଇଛି।

ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ୫ ଲୋକସଭା କ୍ଷେତ୍ର ଅଧିନରେ ମୋଟ ୭୯ ଲକ୍ଷ ୬୨ ହଜାର ୧୪୮ ଜଣ ମତଦାତା ଅଛନ୍ତି। ସେମାନଙ୍କ ମଧ୍ୟରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୪୦ ଲକ୍ଷ ୩୦ ହଜାର ୨୮୩ ଜଣ ଏବଂ ମହିଳା ଭୋଟରଙ୍କ ସଂଖ୍ୟା ୩୯ ଲକ୍ଷ ୩୧ ହଜାର ୧୫ ଜଣ ଅଛନ୍ତି। ଏହି ତାଲିକାରେ ୮୫୦ ଜଣ ତୃତୀୟଲିଙ୍ଗୀ ଭୋଟର ଥିବା ଜଣାପଡିଛି ।

## ପ୍ରଥମ ପର୍ଯ୍ୟାୟ ଯାଞ୍ଚ ଶେଷ

ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଯାଞ୍ଚ ପ୍ରକ୍ରିୟା ଗତକାଲି ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ୪ଟି ଲୋକସଭା ଆସନରେ ମୋଟ ୩୮ ଜଣ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର କାଏମ ରହିଛି। ଏଥିରୁ କୋରାପୁଟ ଲୋକସଭା ଆସନରେ ସର୍ବାଧିକ ୧୨ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବ୍ରହ୍ମପୁର ଓ କଳାହାଣ୍ଡି ଲୋକସଭା ଆସନରେ ୧୧ ଜଣ ଲେଖାଏଁ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର, ନବରଙ୍ଗପୁରରେ ୪ ଜଣଙ୍କର ପ୍ରାର୍ଥୀପତ୍ର କାଏମ ରହିଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ସେହିଭଳି ୨୮ଟି ବିଧାନସଭା ଆସନରେ ୨୬୬ ଜଣ ପ୍ରାର୍ଥୀଙ୍କ ନାମାଙ୍କନପତ୍ର କାଏମ ରହିଥିବା ଜଣାପଡ଼ିଛି। ସେଥିମଧ୍ୟରୁ ବ୍ରହ୍ମପୁରରେ ସର୍ବାଧିକ ୨୦ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଅନ୍ୟପକ୍ଷରେ ନବରଙ୍ଗପୁର ଜିଲ୍ଲାର ଝରିଗାଁ ଓ ଡାବୁଗାଁରେ ସର୍ବନିମ୍ନ ୩ଜଣ ଲେଖାଏଁ ପ୍ରାର୍ଥୀ ଅଛନ୍ତି। ଆସନ୍ତା ୨୯ ତାରିଖ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷଦିନ ରହିଛି। ରାଜ୍ୟର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଏହି ୪ଟି ଲୋକସଭା କ୍ଷେତ୍ର ଏବଂ ୨୮ଟି ବିଧାନସଭା କ୍ଷେତ୍ରରେ ଆସନ୍ତା ମଇମାସ ୧୩ ତାରିଖରେ ଅନୁଷ୍ଠିତ ହେବ।

## ନିର୍ବାଚନ ସ୍ଥିତି-ଗଞ୍ଜାମ

ଆଗାମୀ ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହିତ କରିବା ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଜିଲ୍ଲାରେ ଲୋକସଭା ଏବଂ ବିଧାନସଭା ପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ

ହୋଇଛି । ଏହି ପ୍ରକ୍ରିୟାରେ ରାଜ୍ୟର ତିନୋଟି ପ୍ରମୁଖ ଦଳ ବିଜେଡି, ବିଜେପି ଏବଂ କଂଗ୍ରେସ ପକ୍ଷରୁ ଜୋରଦାର୍ ରାଜନୈତିକ ପ୍ରସ୍ତୁତି ଆରମ୍ଭ ହୋଇଛି । ବିଭିନ୍ନ ସ୍ଥାନରେ ପ୍ରଚାର କାର୍ଯ୍ୟ ସହ ରୋଡ୍ ଶୋ' ମାଧ୍ୟମରେ ଦଳର ଜନକଲ୍ୟାଣକାରୀ ଯୋଜନାକୁ ଦଳୀୟ ପ୍ରାର୍ଥୀମାନେ ଭୋଟରଙ୍କ ନିକଟରେ ତାଙ୍କ ଦଳକୁ ଭୋଟ୍ ଦେବା ପାଇଁ ନିବେଦନ କରୁଛନ୍ତି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ରାଜନୈତିକ ଉଷ୍ମତା ମଧ୍ୟ ବୃଦ୍ଧି ପାଉଛି । ଗଞ୍ଜାମ ଜିଲ୍ଲାର ନିର୍ବାଚନ ସମ୍ପର୍କିତ ତଥ୍ୟକୁ ନେଇ ଆମ ସମ୍ବାଦଦାତା ବିଭୁତି ଭୂଷଣ ତ୍ରିପାଠୀଙ୍କ ରିପୋର୍ଟ...

**- V/O –**

## ପ୍ରାର୍ଥୀ ଘୋଷଣା ବାକି

ଆଗାମୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ତିନି ରାଜନୈତିକ ଦଳ ବିଜେପି, କଂଗ୍ରେସ ଓ ବିଜେଡି ଅଦ୍ୟାବଧି କେତେକ ବିଧାନସଭା ଆସନ ଲାଗି ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହାନ୍ତି । ଭାରତୀୟ ଜନତା ପାର୍ଟି ୧୫ଟି ଆସନ ପାଇଁ ପ୍ରାର୍ଥୀଙ୍କର ନାମ ବର୍ତ୍ତମାନ ପର୍ଯ୍ୟନ୍ତ ଘୋଷଣା କରିନାହିଁ ।

ସେହିଭଳି କଂଗ୍ରେସ ୮ଟି ଏବଂ ବିଜୁ ଜନତା ଦଳ ୬ଟି ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିବାକୁ ବାକି ରହିଛି । ସୂଚନାଯୋଗ୍ୟ ଏହି ତିନି ପ୍ରମୁଖ ଦଳ ରାଜ୍ୟରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ପାଇଁ ୯ଟି ଲୋକସଭା ଏବଂ ୬୩ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି ।

## ନଡ୍ଡା-ରାହୁଲଙ୍କ ଓଡ଼ିଶା ଗସ୍ତ

ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା ଆସନ୍ତାକାଲି ଦିନିକିଆ ଓଡିଶା ଗସ୍ତରେ ଆସିବେ। ଶ୍ରୀ ନଡ୍ଡା ନବରଙ୍ଗପୁର ଓ ବ୍ରହ୍ମପୁର ଲୋକସଭା କ୍ଷେତ୍ର ଗସ୍ତ କରି ନିର୍ବାଚନୀ ସଭାରେ ଯୋଗଦେବେ। ପ୍ରଥମେ ବ୍ରହ୍ମପୁର ଏବଂ ପରେ ନବରଙ୍ଗପୁର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି।

କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ମଧ୍ୟ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସି ଦଳର ପ୍ରଚାର କାର୍ଯ୍ୟରେ ଭାଗ ନେବେ । ସୂଚନା ଅନୁସାରେ ରାହୁଲ ଗାନ୍ଧୀ ସାଲେପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସତ୍ୟଭାମାପୁରରେ ଏକ ନିର୍ବାଚନୀ ସଭାରେ ଯୋଗଦେବେ ।

# ଓଡ଼ିଆ ସିନେମା ପୂର୍ତ୍ତି

ଓଡ଼ିଆ ସିନେମାକୁ ଆଜି ୮୮ ବର୍ଷ ପୁରିଛି । ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ମୋହନ ସୁନ୍ଦରଦେବ ଗୋସ୍ୱାମୀଙ୍କ 'ସୀତା ବିବାହ' ୧୯୩୬ ମସିହା ଅପ୍ରେଲ ମାସ ୨୮ ତାରିଖରେ ପୁରୀ ସହରର ଲକ୍ଷ୍ମୀ ଟକିଜ୍‌ରେ ମୁକ୍ତିଲାଭ କରିଥିଲା । ୨୦୦୦ ମସିହା ପୂର୍ବରୁ ରାଜ୍ୟରେ ପ୍ରାୟ ୧୨୦ରୁ ଅଧିକ ସିନେମା ହଲ୍ ଥିଲା । ହେଲେ ୨୦୧୫ ମସିହା ବେଳକୁ ରାଜ୍ୟର ସିନେମା ହଲ୍ ସଂଖ୍ୟା ୮୫କୁ ହ୍ରାସ ପାଇଥିଲା । ବର୍ତ୍ତମାନ ରାଜ୍ୟରେ ମାତ୍ର ୫୫ଟି ସିନେମା ହଲ୍‌ରେ ଚଳଚ୍ଚିତ୍ର ପ୍ରଦର୍ଶନ ହେଉଛି । ପୁରୀ ଜିଲ୍ଲାରେ କୌଣସି ଗୋଟିଏହେଲେ ସିନେମା ହଲ୍ ବର୍ତ୍ତମାନ କାର୍ଯ୍ୟକ୍ଷମ ନାହିଁ । ଯୁଗ ବଦଳିବା ସହ ମନୋରଞ୍ଜନ କ୍ଷେତ୍ରରେ ନୂଆ ନୂଆ କୌଶଳ ଦେଖାଦେଇଛି । ସିନେମା ହଲ୍ ପରିବର୍ତ୍ତେ ବର୍ତ୍ତମାନ ଓଟିଟି ପ୍ଲାଟଫର୍ମରେ

ଓଡ଼ିଆ ସିନେମା ଦର୍ଶକଙ୍କର ଚାହିଦା ବଢ଼ିଛି । ଓଡ଼ିଆ ସିନେମାକୁ କିପରି ପ୍ରେକ୍ଷାଳୟରେ ଅଧିକ ସୁଯୋଗ ମିଳିବ ସେ ସମ୍ପର୍କରେ ପଦକ୍ଷେପ ନେବା ନିତ୍ୟାନ୍ତ ଜରୁରୀ ବୋଲି ସର୍ବସାଧାରଣରେ ମତପ୍ରକାଶ ପାଇଛି ।

## ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ

ମନୁଷ୍ୟର ଜୀବନଧାରଣରେ ପ୍ରାଣୀ ସମ୍ପଦର ଗୁରୁତ୍ୱ ନେଇ ପୃଥିବୀରେ ଆଜି ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳନ କରାଯାଉଛି । ୨୦୦୧ ମସିହାରୁ ପ୍ରତିବର୍ଷ ଆଜିର ଦିନରେ ପ୍ରାଣୀମାନଙ୍କୁ ସହାନୁଭୂତି ମୂଳକ ଚିକିତ୍ସା ସେବା ଯୋଗାଇଦେବା ପାଇଁ ଲୋକମାନଙ୍କ ମଧ୍ୟରେ ସଚେତନ ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଚଳିତ ବର୍ଷର ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସର ବାର୍ତ୍ତା ରହିଛି ପ୍ରାଣୀ ଚିକିତ୍ସକମାନେ ହେଉଛନ୍ତି ପ୍ରୟୋଜନୀୟ ସ୍ୱାସ୍ଥ୍ୟକର୍ମୀ ।

## ଜେଇଇ ଆଡଭାନ୍ସଡ୍

ଆସନ୍ତା ମଇ ମାସ ୨୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜେଇଇ ଆଡଭାନ୍ସଡ ପରୀକ୍ଷା ପାଇଁ ଆଜିଠାରୁ ପଞ୍ଜୀକରଣ ଆରମ୍ଭ ହେଉଛି । ଦେଶରେ ୨ ଲକ୍ଷ ୫୦ ହଜାର ୨୮୪ ଜଣ ଛାତ୍ରଛାତ୍ରୀ ଜେଇଇ ଆଡଭାନ୍ସଡ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଛାତ୍ରଛାତ୍ରୀ ୱେବ୍‌ସାଇଟ୍ **www.jeeadv.ac.in** କୁ ଲଗ୍‌ଇନ୍ କରି ପଞ୍ଜୀକରଣ କରିପାରିବେ । ଆସନ୍ତା ମଇମାସ ୭ ତାରିଖ ପଞ୍ଜୀକରଣ କରିବାର ଶେଷଦିନ ରହିଛି । ଜେଇଇ ଆଡଭାନ୍ସଡ ର ପରୀକ୍ଷା ଫଳ ଜୁନ୍ ୯ ତାରିଖରେ ପ୍ରକାଶ ପାଇବ । ସୂଚନାଯୋଗ୍ୟ ଦେଶର ସରକାରୀ ଏବଂ ବେସରକାରୀ ଇଞ୍ଜିନିୟରିଂ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ

ଗୁଡ଼ିକରେ ବି.ଟେକ୍, ବି.ଆର୍କ, ବି.ଫାର୍ମା ଆଦି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଏନ୍‌ଟିଏ ଦ୍ୱାରା ପରିଚାଳିତ ଜେଇଇ ମୁଖ୍ୟର ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଫଳ ପ୍ରକାଶ ପାଇସାରିଛି ।

# ଦୁର୍ଘଟଣା–୩ ମୃତ

ଅନୁଗୁଳ ଜିଲ୍ଲା ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥ ପଞ୍ଚମହଲା ନିକଟରେ ଆଜି ଏକ ସଡ଼କ ଦୁର୍ଘଟଣାରେ ୩ଜଣଙ୍କ ମୃତ୍ୟୁ ଘଟିଛି । ଗୋଟିଏ ବାଇକ ସହ ଟ୍ରକର ମୁହାଁମୁହିଁ ଧକ୍କା ହେବା ଫଳରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି ।  ଏହି ଦୁର୍ଘଟଣାରେ ବାଇକ୍‌ରେ ଥିବା ୩ଜଣ ଯୁବକଙ୍କର ମୃତ୍ୟୁ ଘଟିଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ପେନ୍‌ସନ ଅଦାଲତ ରାଉରକେଲା

ଭବିଷ୍ୟନିଧି ପାଣ୍ଠି ଆଞ୍ଚଳିକ କାର୍ଯ୍ୟାଳୟ ରାଉରକେଲା ପକ୍ଷରୁ ଆସନ୍ତା ମଇ ମାସ ୧୦ ତାରିଖରେ ପେନ୍‌ସନ ଅଦାଲତ ଆୟୋଜନ କରିବ । ଏହି ପେନ୍‌ସନ ଅଦାଲତରେ ପ୍ରୋଭିଡେଣ୍ଟ ଫଣ୍ଡ ଏବଂ ପେନ୍‌ସନ ସମ୍ପର୍କିତ ସମସ୍ୟା ଗୁଡ଼ିକର ଶୁଣାଣି ଏବଂ ସମାଧାନ କରାଯିବ । ସକାଳ ୧୧ଟାରୁ ପେନ୍‌ସନ ଅଦାଲତ ଆଞ୍ଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟ ରାଉରକେଲାଠାରେ ଅନୁଷ୍ଠିତ ହେବ । ଆପତ୍ତି ଅଭିଯୋଗ ଥିଲେ ଆଞ୍ଚଳିକ କାର୍ଯ୍ୟାଳୟକୁ ଫୋନ୍ କରି କିମ୍ବା ପତ୍ର ଲେଖି ମଇ ମାସ ୫ ତାରିଖ ପୂର୍ବରୁ ଜଣାଇପାରିବେ ବୋଲି କୁହାଯାଇଛି ।

# ତାପମାତ୍ରା

ସମଗ୍ର ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଆଗାମୀ ୪୮ ଘଂଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ଦିନ ତାପମାତ୍ରା ଆହୁରି ୨ଡିଗ୍ରୀ ବୃଦ୍ଧି ପାଇବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଯାହା ପ୍ରଭାବରେ ଆଗାମୀ ୪ ରୁ ୫ ଦିନ ଯାଏଁ ରାଜ୍ୟର କେତେକ ଜିଲ୍ଲାରେ ଉଷ୍ମ ପାଣିପାଗ ସ୍ଥିତି ଜାରି ରହିବା ସହ ଭୀଷଣ ଗ୍ରୀଷ୍ମପ୍ରବାହ ସ୍ଥିତି ଲାଗି ରହିବ । ରାଜ୍ୟର ଉତ୍ତର ଓଡ଼ିଶା ଏବଂ ପଶ୍ଚିମ ଆଭ୍ୟନ୍ତରୀଣ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ସ୍ଥିତି ଅଧିକ ରହିବା ସହ ଅନ୍ୟାନ୍ୟ ଜିଲ୍ଲାରେ ମଧ୍ୟ ଆଦ୍ରତା ରହିବା ନେଇ ପାଣିପାଗ ବିଭାଗ ଆକଳନ କରିଛି । ଆଜି ଦିନ ୧୧ଟା ୩୦ ସୁଦ୍ଧା ଝାରସୁଗୁଡାଠାରେ ସର୍ବାଧିକ ୪୧ଦଶମିକ ୪ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ଭୁବନେଶ୍ୱରଠାରେ ୪୧ ଦଶମିକ ୨, କେନ୍ଦୁଝରରେ ୪୦ ଦଶମିକ ୬, ବାଲେଶ୍ୱରରେ ୪୦ ଦଶମିକ ୧, ସମ୍ବଲପୁରରେ ୪୦ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି । ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ, ଝାରସୁଗୁଡା, ସୁନ୍ଦରଗଡ, କେନ୍ଦୁଝର, ଢ଼େଙ୍କାନାଳ, ବୌଦ୍ଧ, ବଲାଙ୍ଗୀର, ସମ୍ବଲପୁର, ନୂଆପଡା, ଅନୁଗୁଳ, ଯାଜପୁର ଏବଂ ଖୋର୍ଦ୍ଧା ଆଦି ୧୨ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ଅନ୍ୟପକ୍ଷରେ କଟକ, ଜଗତ୍‌ସିଂହପୁର, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡା, ସୋନପୁର, ମାଲକାନଗିରି, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ଗଜପତି, ନୟାଗଡ,

ନବରଙ୍ଗପୁର, ଦେବଗଡ, ବରଗଡ ଏବଂ ରାୟଗଡାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି ।

ଦିନ ୧୧ଟାରୁ ୩ ଟା ମଧ୍ୟରେ ଆବଶ୍ୟକ ନଥିଲେ ଘରୁ ବାହାରିବାକୁ ପାଣିପାଗ ବିଭାଗ ପକ୍ଷରୁ ବାରଣ କରାଯାଇଛି । ଗର୍ଭବତୀ, ହୃଦ୍‌ରୋଗୀ, ଛୋଟପିଲା, ବୟସ୍କ ବ୍ୟକ୍ତି ବିଶେଷ ଯତ୍ନବାନ ହେବା ସହ ସତର୍କତା ଅବଲମ୍ବନ କରିବାକୁ ପାଣିପାଗ ବିଭାଗ ପକ୍ଷରୁ ସତର୍କତା ଜାରି କରାଯାଇଛି ।